# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 06th April – 2026

************************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତି ସତ୍ତ୍ୱେ ଦେଶରେ ଖାଦ୍ୟ ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ ରହିଛି; କହିଲେ କେନ୍ଦ୍ର ସରକାର ।

— ରାଜ୍ୟରେ ତୈଳ ଓ ରନ୍ଧନ ଗ୍ୟାସ ଆବଶ୍ୟକ ପରିମାଣରେ ଗଚ୍ଛିତ ରହିଛି ବୋଲି ସୂଚନା ଦେଲେ ରାଜ୍ୟ ସରକାର ।

- ସମ୍ମାନଜନକ ପ୍ରେସିଡେଣ୍ଟ କଲାର ପୁରସ୍କାର ପାଇବ ଓଡ଼ିଶା ପୁଲିସ ।

- ରାଜ୍ୟର ବିଭିନ୍ନ ସ୍ଥାନରେ ଓଡ଼ିଆ ପକ୍ଷର ଷଷ୍ଠ ଦିନରେ ଆଜି ଅନୁଷ୍ଠିତ ହୋଇଯାଇଛି ସ୍ୱଚ୍ଛତା ଅଭିଯାନ ।

ଏବଂ

- କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ।

*Desk*

# ପଶ୍ଚିମ ଏସିଆ ପରିସ୍ଥିତି

ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତି ସତ୍ତ୍ୱେ ଦେଶରେ ଖାଦ୍ୟ ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ ରହିଛି ବୋଲି କେନ୍ଦ୍ର ସରକାର କହିଛନ୍ତି । ନୂଆଦିଲ୍ଲୀରେ ଆନ୍ତଃ ମନ୍ତ୍ରଣାଳୟ ବୈଠକ ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ସୂଚନା ଦେଇ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅନୁପମ ମିଶ୍ର କହିଛନ୍ତି, ଚଳିତ ବର୍ଷ ଦେଶରେ ଡାଲି ଉତ୍ପାଦନ ଗତବର୍ଷ ଅପେକ୍ଷା ଅଧିକ ହୋଇଛି । ଖାଦ୍ୟ ସାମଗ୍ରୀର ମୂଲ୍ୟ ଏବଂ ଯୋଗାଣ ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ଯୁଗ୍ମ ସଚିବ ସି. ଶିଖା କହିଛନ୍ତି, ଦେଶରେ ଗହମ ଏବଂ ଚାଉଳ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି । ୬୦୨ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟ ସାମଗ୍ରୀ ମହଜୁଦ ରହିଥିବା ସେ କହିଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ହିତାଧିକାରୀଙ୍କୁ ସାମଗ୍ରୀ ବଣ୍ଟନ ନେଇ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ବଜାର ମୂଲ୍ୟ ସ୍ଥିର ରଖିବା ନେଇ ଖୋଲା ବଜାର ବିକ୍ରି ଯୋଜନା ଅଧୀନରେ ନଜର ରଖାଯାଇଛି ଖାଇବା ତେଲ ଏବଂ ଚିନିର ନିରନ୍ତର ଯୋଗାଣ ଜାରି ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ମୁକେଶ ମଙ୍ଗଳ କହିଛନ୍ତି, ଗତ ଦୁଇଦିନ ମଧ୍ୟରେ ଭାରତୀୟ ପତାକାଯୁକ୍ତ ଦୁଇଟି ଏଲ୍.ପି.ଜି.ବାହୀ ଜାହାଜ ଗ୍ରୀନ୍ ସାଙ୍ଗ୍‌ଭି ଏବଂ ଗ୍ରୀନ୍ ଆଶା ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିସାରିଛି ।

ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଦୈନିକ ପ୍ରାୟ ୫୦ ଲକ୍ଷ ଏଲ୍.ପି.ଜି. ସିଲିଣ୍ଡର ଯୋଗାଣ କରାଯାଉଛି । ଅନ୍‌ଲାଇନ୍ ମାଧ୍ୟମରେ ଗ୍ୟାସ୍ ବୁକିଂ ୯୭ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ଶ୍ରୀମତୀ ଶର୍ମା କହିଛନ୍ତି ।

***Voice (Sujaja Sharma)*** :........

***Desk***

# ଏଲ୍.ପି.ଜି.

ରାଜ୍ୟରେ ପେଟ୍ରୋଲ୍, ଡିଜେଲ୍ ଓ ରନ୍ଧନ ଗ୍ୟାସ ଆବଶ୍ୟକ ପରିମାଣର ମହଜୁଦ ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସ୍ଥିତ ଅନ୍ନପୂର୍ଣ୍ଣା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଶ୍ରୀ ସିଂହ କହିଛନ୍ତି, ରିଫିଲ୍‌ପାଇଁ ସହରାଞ୍ଚଳରେ ୨୫ ଦିନ ଓ ଗ୍ରାମାଞ୍ଚଳରେ ୪୫ ଦିନ ରଖାଯାଇଛି । ୫ କିଲୋଗ୍ରାମ ସିଲିଣ୍ଡର ପାଇଁ କୌଣସି କଟକଣା ନାହିଁ । କଳାବଜାରୀରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଗ୍ରହଣ କରାଯିବ । ସମସ୍ତ ସ୍ଥାନରେ ଯାଞ୍ଚ୍ ସହିତ ଚଢ଼ାଉ ଜାରି ରହିଛି । ବର୍ତ୍ତମାନ ପରିସ୍ଥିତିରେ ୧ ହଜାର ୬୩୩ଟି ସ୍ଥାନରେ ଚଢ଼ାଉ ହୋଇଛି ବୋଲି ଶ୍ରୀ ସିଂହ କହିଛନ୍ତି ।

***Voice (Sanjay Singh)*** :……

ରାଜ୍ୟରେ ତୈଳ ଏବଂ ରନ୍ଧନ ଗ୍ୟାସ୍ ଉପଲବ୍ଧତାକୁ ନେଇ ଆଜି ଅପରାହ୍ଣରେ ଭାରତୀୟ ତୈଳ ନିଗମ ଲିମିଟେଡ୍‌ର ଓଡ଼ିଶା ଶାଖା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ତୈଳ ଯୋଗାଣ ସମ୍ପର୍କିତ ତଥ୍ୟ ପ୍ରଦାନ କରାଯାଇଥିଲା ।

***HS***

# ପ୍ରେସିଡେଣ୍ଟ କଲାର୍ ଆୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ପୁଲିସକୁ ସମ୍ମାନଜନକ ପ୍ରେସିଡେଣ୍ଟ କଲାର୍ ଆୱାର୍ଡ୍ ପ୍ରଦାନ କରିବେ । ଏନେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି । କାର୍ଯ୍ୟକ୍ରମ ସମ୍ପର୍କରେ ଭୁବନେଶ୍ୱର ପୁଲିସ୍ ସେବା ଭବନସ୍ଥିତି ଡି.ଜି.ପି. କ୍ୟାମ୍ପ୍ ଅଫିସରେ ଗୁରୁତ୍ୱପୂର୍ଣ୍ଣ ବୈଠକ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭାରତରେ ଏକ ସାମରିକ ୟୁନିଟ୍, ତାଲିମ ପ୍ରତିଷ୍ଠାନ କିମ୍ବା ପୁଲିସ୍ ଫୋର୍ସକୁ ପ୍ରଦାନ କରାଯାଇଥିବା ସର୍ବୋଚ୍ଚ

ସମ୍ମାନଜନକ ପୁରସ୍କାରକୁ ଏହା ସ୍ୱୀକୃତି ଦେଇଥାଏ । ଏ ସମ୍ପର୍କରେ ଶ୍ରୀ ଖୁରାନିଆ କହିଛନ୍ତି :

***(Voice)*** :........

***Desk, BBSR, Kendrapara, Jharsuguda, Deogarh, Rayagada, Cuttack, Nabarangpur/R***

## ଓଡ଼ିଆ ପକ୍ଷ - ସ୍ୱଚ୍ଛତା ଅଭିଯାନ

ରାଜ୍ୟରେ ଓଡ଼ିଶା ଦିବସଠାରୁ ଆରମ୍ଭ ହୋଇଥିବା ୧୫ ଦିନ ବ୍ୟାପୀ ଓଡ଼ିଆ ପକ୍ଷର ଆଜି ଷଷ୍ଠ ଦିବସରେ ସ୍ୱଚ୍ଛତା ଅଭିଯାନ ପାଳନ କରାଯାଉଛି। ସ୍ୱଚ୍ଛତା ଅଭିଯାନ ଅବସରରେ ସମସ୍ତେ ମିଳିତ ଭାବରେ ଏକ ସୁନ୍ଦର, ସୁସ୍ଥ ଓ ନିର୍ମଳ ଓଡ଼ିଶା ଗଠନର ସଂକଳ୍ପକୁ ମଜଭୁତ କରି ଜନଭାଗିଦାରୀ ମାଧ୍ୟମରେ ସ୍ୱଚ୍ଛତାକୁ ଏକ ଗଣଆନ୍ଦୋଳନରେ ପରିଣତ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଲିଙ୍ଗରାଜ ମନ୍ଦିର, ଉଦୟଗିରି, ନନ୍ଦନକାନନ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ ରେଳଷ୍ଟେସନଠାରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମେୟର ସୁଲୋଚନା ଦାସ ଓ ବି.ଏମ୍.ସି. କମିଶନର ଚଞ୍ଚଳ ରାଣାଙ୍କ ସମେତ ୪ ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ସଫେଇ କର୍ମଚାରୀ ସାମିଲ୍ ହୋଇଥିଲେ ।

କଟକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଫେଇ କରାଯାଇଛି । ଏଥିସହ ସହରର ଅନ୍ୟାନ୍ୟ ମନ୍ଦିର ତଥା ପ୍ରମୁଖ ସ୍ଥାନଗୁଡ଼ିକରେ ମଧ୍ୟ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ, ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ପଟ୍ଟାମୁଣ୍ଡାଇ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପଟ୍ଟାମୁଣ୍ଡାଇସ୍ଥିତି ଶ୍ରୀରାମ ମନ୍ଦିର ପରିସରରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହେବା ସହ ପରିବେଶ ସୁରକ୍ଷାପାଇଁ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦିଆଯାଇଛି ।

ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ କୁନାଳ ମୋତିରାମ ଚୌହାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

ଦେବଗଡ଼ ଜିଲ୍ଲା ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ପୌର ପରିଷଦ ପକ୍ଷରୁ ପ୍ରଧାନପାଟସ୍ଥିତ ପ୍ରଧାନପାଟେଶ୍ୱରୀ ମନ୍ଦିର ଏବଂ ଐତିହ୍ୟ ସ୍ଥଳୀଗୁଡ଼ିକରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

ରାୟଗଡ଼ା ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ପ୍ରେମପାହାଡ଼ ପର୍ଯ୍ୟଟନ ସ୍ଥଳୀରେ ସଫେଇ କାର୍ଯ୍ୟ କରାଯାଇଛି ।

ନବରଙ୍ଗପୁର ପୌରପାଳିକା ଅଧୀନସ୍ଥ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପୌରପାଳିକା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

***Sambalpur/R***

# ଶାସନ ସଂସ୍କାର ବୈଠକ

ଉତ୍ତରାଞ୍ଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତଙ୍କ କାର୍ଯ୍ୟାଳୟସ୍ଥିତ ଗଙ୍ଗାଧର ମେହର ସମ୍ମିଳନୀ କକ୍ଷରେ ପ୍ରଶାସନିକ ଓ ଶାସନ ସଂସ୍କାର ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ଉତ୍ତରାଞ୍ଚଳ ରାଜସ୍ୱ ବିଭାଗ ଅଧୀନସ୍ଥ ସମସ୍ତ ୧୨ଟି ଜିଲ୍ଲା ତହସିଲ୍‌ଦାରମାନେ ଯୋଗଦେଇ ସାଧାରଣ ଜନତା ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ରାଜସ୍ୱ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ନେଇ ନୂତନ ସଂସ୍କାର ଉପରେ ଆଲୋଚନା କରିଥିଲେ । ରାଜସ୍ୱ ଆଦାୟ, ଜମି ଅଧିଗ୍ରହଣ, ଥଇଥାନ, ଜଙ୍ଗଲ ଜମି ଅଧିକାର, ବସୁନ୍ଧରା ଯୋଜନା, ଅନଧିକାର ପ୍ରବେଶ ଆଦି ଉପରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

***Sambalpur/R***

# ଜନଗଣନା - ସଚେତନତା

ଦେଶରେ ଆରମ୍ଭ ହୋଇଥିବା ପ୍ରଥମ ଡିଜିଟାଲ୍ ଜନଗଣନା ଉପରେ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ସମ୍ବଲପୁର ଜିଲ୍ଲାରେ ଅତିରିକ୍ତ

ଜିଲ୍ଲାପାଳ ଅଶୋକ କୁମାର ଭୋଇ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଜାରି ରହିଥିବା ସ୍ୱ-ଗଣନା ପ୍ରକ୍ରିୟା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଜନଗଣନାରୁ ଜନକଲ୍ୟାଣ, ଠିକ୍ ଜନଗଣନାଦ୍ୱାରା ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନ ସମ୍ଭବ ବୋଲି ଶ୍ରୀ ଭୋଇ କହିଛନ୍ତି ।

***Nayagarh/R***

## ଜନଗଣନା - ପ୍ରଶିକ୍ଷଣ

ନୟାଗଡ଼ ପୌରାଞ୍ଚଳରେ ଆବାସ ତାଲିକା ପ୍ରସ୍ତୁତି ଏବଂ ଗଣନା ଲକ୍ଷ୍ୟ ନେଇ ଏକ ପ୍ରଶିକ୍ଷଣ ଶିବିର ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଜି ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀ ରୋଜିନା ଦାସ ଯୋଗଦେଇ ଗଣନା କାର୍ଯ୍ୟର ପ୍ରକ୍ରିୟା ଉପରେ ଆଲୋକପାତ କରିଛନ୍ତି । ପ୍ରଶିକ୍ଷଣ ଶିବିର ଆସନ୍ତା ତିନିଦିନ ପର୍ଯ୍ୟନ୍ତ ଜାରି ରହିବ ।

***Nayagarh/R***

## ଚନ୍ଦନ ଯାତ୍ରା - ନୌକା

ନୟାଗଡ଼ ଜିଲ୍ଲା ରଣପୁରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନୁଷ୍ଠିତ ହେବାକୁ ଥିବା ଚନ୍ଦନ ଯାତ୍ରାପାଇଁ ପାଣିରେ ବୁଡ଼ି ରହିଥିବା ଦୁଇଟି ନୌକା ନନ୍ଦା ଏବଂ

ଭଦ୍ରାକୁ ବାହାରକୁ ଅଣାଯାଇଛି ।  ଚଳନ୍ତି ପ୍ରତିମା ମଦନମୋହନ, ଲକ୍ଷ୍ମୀ ଠାକୁରାଣୀ, ରାମକୃଷ୍ଣ, ବାବା ଚଣ୍ଡେଶ୍ୱର ଓ ବାବା ସୁପ୍ତେଶ୍ୱର ବାହାର ଚନ୍ଦନ ଯାତ୍ରା ସମୟରେ ଚନ୍ଦନ ପୁଷ୍କରିଣୀରେ ନୌକା ବିହାର କରିଥା'ନ୍ତି ।  ଚନ୍ଦନ ଯାତ୍ରା ପରେ ନୌକା ଦୁଇଟିକୁ ପାଣିରେ ବୁଡ଼ାଇ ରଖାଯାଇଥାଏ । ମହାରଣା ସେବକ ନୌକାକ ଦୁଇଟିକୁ ବାହାରକୁ ଆଣି ଏହାର ସଂସ୍କାର କାର୍ଯ୍ୟ କରିଛନ୍ତି ।

***Nuapada/R***

## ଆଇନ ସହାୟତା ତାଲିମ

ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତର ବନବିଭାଗ ସମ୍ମିଳନୀ କକ୍ଷଠାରେ ଏକ ଆଇନ ସହାୟତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ତାଲୁକସ୍ତରୀୟ ଅଧିକାର ମିତ୍ର, ଆଇନ ସହାୟତା ସ୍ୱେଚ୍ଛାସେବୀ ପ୍ରମୁଖ ଏଥିରେ ଯୋଗଦେଇ ସମାଜର ବିଭିନ୍ନ ବର୍ଗଙ୍କ ପାଖରେ ଆଇନ ସମ୍ବନ୍ଧୀୟ ସହାୟତା ପହଞ୍ଚାଇବା ଲକ୍ଷ୍ୟ ନେଇ ତାଲିମ୍ ଗ୍ରହଣ କରିଛନ୍ତି ।

***Desk, Deogarh, Rayagada, Baragarh, Ganjam, Gajapati, Kendrapara, Sambalpur, Khurda, Malkangiri, Nayagarh, Bhadrak/R***

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି ।

ଦେବଗଡ଼ ଜିଲ୍ଲା ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୫୬ଟି ଅଭିଯୋଗର ଶୁଣାଣି କରାଯାଇଛି ।

ରାୟଗଡ଼ା ଜିଲ୍ଲା ପରିଷଦ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଶିବିରରେ ମୋଟ୍ ୬୮ଟି ଅଭିଯୋଗର ଶୁଣାଣି ହୋଇଛି ।

ବରଗଡ଼ ଜିଲ୍ଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୮୯ଟି ଅଭିଯୋଗର ଶୁଣାଣି ହୋଇଛି ।

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ମୋଟ୍ ୧୦୯ଟି ଅଭିଯୋଗର ଶୁଣାଣି ହୋଇଛି । ୧୦ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ରାଶି ବାବଦରେ ୬୫ ହଜାର ଟଙ୍କା ପ୍ରଦାନ କରାଯାଇଛି ।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୬୦ଟି ଅଭିଯୋଗର ଶୁଣାଣି ହୋଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଶିବିରରେ ୯୮ଟି ଅଭିଯୋଗର ଶୁଣାଣି ହୋଇଛି । ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି ।

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶିବିରରେ ୩୪ଟି ଅଭିଯୋଗର ଶୁଣାଣି କରାଯାଇଛି ।

ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୧୧୮ଟି ଅଭିଯୋଗର ଶୁଣାଣି ହୋଇଛି ।

ମାଲକାନଗିରି ଜିଲ୍ଲା ବାଲିମେଳା ନଗର ଭବନଠାରେ ଆୟୋଜିତ ଶିବିରରେ ୧୬ଟି ଅଭିଯୋଗର ଶୁଣାଣି କରାଯାଇଛି ।

ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୧୪୦ଟି ଅଭିଯୋଗର ଶୁଣାଣି କରାଯିବା ସହ ୩୭ଟିର ତ୍ୱରିତ ସମାଧାନ କରାଯାଇଛି ।

ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୪୨ଟି ଅଭିଯୋଗର ଶୁଣାଣି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଓ ଜିଲ୍ଲା ରେଡ୍‌କ୍ରସ୍‌ରୁ ୮ ଜଣଙ୍କୁ ୩୩ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି ।

***HS***

# ପାଣିପାଗ

ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର

ଆକଳନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରାୟ ସବୁ ଜିଲ୍ଲାପାଇଁ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ଓଡ଼ିଶାର ଉତ୍ତର ଏବଂ ଉପକୂଳ ଜିଲ୍ଲାଗୁଡ଼ିକରେ ଆଜି କାଳବୈଶାଖୀ ପ୍ରଭାବ ଅଧିକ ହେବା ପାଣିପାଗ କେନ୍ଦ୍ର ଅନୁମାନ କରିଛି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ଏହିସବୁ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ ସତର୍କ ରହିବାପାଇଁ କୁହାଯାଇଛି ।

******